# NATIONAL NEWS BULLETIN (ODIA)

## 24th July - 2025

## Morning Bulletin : 7.15 a.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଭାରତ-ବ୍ରିଟେନ୍ ସମ୍ପର୍କ ଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ସ୍ୱାକ୍ଷରିତ ହେବ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ।
- ଆଜି ସମବାୟ ନୀତି-୨୦୨୫ ଘୋଷଣା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- କଡ଼ା ସୁରକ୍ଷା ମଧ୍ୟରେ ଅମରନାଥ ଗୁମ୍ଫାକୁ ଯାତ୍ରା ଆରମ୍ଭ କଲେ ୩ ହଜାର ୫ ଶହ ତୀର୍ଥଯାତ୍ରୀ ।

ଏବଂ

- ଆଣ୍ଡର୍ସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ପ୍ରଥମ ଇନିଙ୍ଗ୍‌ସ ଜାରି ରଖିବ ଭାରତ ।

# ପି.ଏମ୍. -ୟୁ.କେ. ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତାଙ୍କର ବ୍ରିଟିଶ ପ୍ରତିପକ୍ଷ କିର୍ ଷ୍ଟାର୍ମର୍ଙ୍କ ସହ ଆଲୋଚନା କରିବେ । ଲଣ୍ଡନରୁ ୫୦ କିଲୋମିଟର ଉତ୍ତର-ପଶ୍ଚିମରେ ଅବସ୍ଥିତ ବ୍ରିଟିଶ୍ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ଚେକର୍ସ'ରେ ଏହି ଆଲୋଚନା ଅନୁଷ୍ଠିତ ହେବ । ଦୁଇ ଦେଶ ମଧ୍ୟରେ ରଣନୈତିକ ସମ୍ପର୍କକୁ ଏହି ଆଲୋଚନା ଏକ ନୂତନ ଦିଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।  ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି' ପ୍ରତିରକ୍ଷା, ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଗତକାଲି ରାତିରେ ଦୁଇଦିନିଆ ଗସ୍ତରେ ବ୍ରିଟେନ୍‌ରେ ପହଞ୍ଚିଛନ୍ତି । ଏହି ଗସ୍ତକାଳରେ ଉଭୟ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବ । ଆଜି ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଭାରତର ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ୍ ଏବଂ ବ୍ରିଟେନ୍‌ର ବାଣିଜ୍ୟ ମନ୍ତ୍ରୀ ଜୋନାଥନ୍ ରିନୋଲ୍‌ଡସ୍ ଏହି ଚୁକ୍ତିରେ ସ୍ୱାକ୍ଷର କରିବେ । ପ୍ରାୟ ୩ ବର୍ଷରୁ ଅଧିକ ସମୟ ଧରି ଆଲୋଚନା ପରେ ସ୍ୱାକ୍ଷରିତ ହେବାକୁ ଥିବା ଏହି ବାଣିଜ୍ୟ ଚୁକ୍ତିନାମା ଯୋଗୁଁ ଭାରତର ସାମଗ୍ରୀଗୁଡ଼ିକ ସେଠାକାର ବଜାରରେ ପ୍ରବେଶ କରିବ ଏବଂ ୯୯ ପ୍ରତିଶତ ଉତ୍ପାଦ ବର୍ଗ ଉପରେ ଶୁଳ୍କ ଉଚ୍ଛେଦ ଯୋଗୁଁ ଭାରତ ଲାଭବାନ ହେବ ।

ଗତକାଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପହଞ୍ଚିବା ପରେ ବହୁସଂଖ୍ୟାରେ ପ୍ରବାସୀ ଭାରତୀୟ ତାଙ୍କୁ ସ୍ୱାଗତ କରିଥିଲେ । ଭାରତର ବିଭିନ୍ନ ରାଜ୍ୟର

ସାଂସ୍କୃତିକ ପ୍ରଦର୍ଶନ ସହ ଲୋକମାନେ ପ୍ରଧାନମନ୍ତ୍ରୀଙ୍କୁ ଦେଖି ଭାବପ୍ରବଣ ହୋଇପଡ଼ିଥିଲେ । ଏହି ଅବସରରେ ଶ୍ରୀ ମୋଦି ଭାରତ କୋ ଜାନି'ର ବିଜେତାମାନଙ୍କୁ ଭେଟିଥିଲେ । ଏ ସମ୍ପର୍କରେ ଏକ ରିପୋର୍ଟ :

***Voice* :..........**

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ମାଳଦ୍ୱୀପ ଯାତ୍ରା କରିବେ । ସେଠାରେ ମାଳଦ୍ୱୀପ ସ୍ୱାଧୀନତାର ୬୦ତମ ବାର୍ଷିକୀ ପାଳନରେ ସମ୍ମାନିତ ଅତିଥିଭାବେ ଯୋଗଦେବେ । ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସହ ଶ୍ରୀ ମୋଦି ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଆଲୋଚନା କରିବା ସହ କେତେକ ପ୍ରକଳ୍ପର ଉଦ୍‌ଘାଟନ କରିବେ ।

## ଅମିତ ଶାହା - କୋଅପରେଟିଭ୍ ପଲିସି

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ୍ ଶାହା ଆଜି ନୂଆଦିଲ୍ଲୀର ଅଟଳ ଅକ୍ଷୟ ଉର୍ଜ୍ଜା ଭବନରେ ସମବାୟ ନୀତି-୨୦୨୫ ଘୋଷଣା କରିବେ । ଭାରତରେ ସମବାୟ କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ଭାବେ ଏହି ନୀତି ଆସନ୍ତା ୨୦ ବର୍ଷ ପର୍ଯ୍ୟନ୍ତ ସମବାୟ ଆନ୍ଦୋଳନକୁ ମାର୍ଗଦର୍ଶନ କରିବ ବୋଲି ଆଶା କରାଯାଉଛି । ସମବାୟ ମନ୍ତ୍ରଣାଳୟ ଅନୁଯାୟୀ ଜାତୀୟ ସମବାୟ ନୀତି 'ସହଯୋଗ ମାଧ୍ୟମରେ ସମୃଦ୍ଧି' ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବା ଲକ୍ଷ୍ୟରେ

ପ୍ରସ୍ତୁତ କରାଯାଇଛି । ଏହା ତୃଣମୂଳ ସ୍ତରରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ସହ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲ କରିବା ଦିଗରେ ସମବାୟର ଭୂମିକାକୁ ଆହୁରି ଦୃଢ଼ କରିବ । ନୂତନ ନୀତି ଅନୁଯାୟୀ ସମବାୟ ପ୍ରତିଷ୍ଠାନଗୁଡ଼ିକୁ ବୃତ୍ତିଗତ ଢଙ୍ଗରେ ପରିଚାଳନା କରିବା ଏବଂ ଭବିଷ୍ୟତର ଲକ୍ଷ୍ୟ ହାସଲକୁ ଦୃଷ୍ଟିରେ ରଖି ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଅଧ୍ୟକ୍ଷତାରେ ଗଠିତ ୪୮ ଜଣିଆ କମିଟି ଏହି ସମବାୟ ନୀତି ପ୍ରସ୍ତୁତ କରିଛନ୍ତି ।

## ଅମରନାଥ ଯାତ୍ରା - ଜମ୍ମୁ

କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆଜି ସକାଳୁ ଜମ୍ମୁରୁ ୨୨ତମ ବ୍ୟାଚ୍‌ରେ ୩ ହଜାର ୫ ଶହ ତୀର୍ଥଯାତ୍ରୀଙ୍କ ଆଉ ଏକ ଦଳ ଭଗବତୀ ନଗର ଯାତ୍ରୀନିବାସ ମୂଳ ଶିବିରରୁ ଅମରନାଥ ଗୁମ୍ଫାକୁ ତୀର୍ଥଯାତ୍ରାପାଇଁ ବାହାରିଛନ୍ତି । ସମ୍ପୃକ୍ତ ତୀର୍ଥଯାତ୍ରୀମାନେ ୧୪୦ଟି ଗାଡ଼ିରେ ମୂଳଶିବିରରୁ ଯାତ୍ରା ଆରମ୍ଭ କରିଛନ୍ତି । ଏହି ଦଳରେ ୨ ହଜାର ୭୦୪ ଜଣ ପୁରୁଷ, ୬୭୫ ଜଣ ମହିଳା, ୧୨ ଜଣ ଶିଶୁ, ୨୧ ଜଣ ସାଧୁ ଏବଂ ୨୮ ଜଣ ସାଧ୍ୱୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ୮୩୨ ଜଣ ତୀର୍ଥଯାତ୍ରୀ ବାଲ୍‌ତାଲ୍ ମୂଳଶିବିରରୁ ସକାଳ

୩ଟା ୨୫ ମିନିଟ୍‌ରେ ଏବଂ ୨ ହଜାର ୬୬୮ ଜଣ ପହଲ୍‌ଗାମ୍ ମୂଳଶିବିରରୁ ସକାଳ ୪ଟା ୧ ମିନିଟ୍‌ରେ ଯାତ୍ରା ଆରମ୍ଭ କରିଛନ୍ତି ।

## ପାର୍ଲାମେଣ୍ଟ ଆଡଜର୍ଣ୍ଣ

ବିରୋଧୀ ଦଳ ଗୁଡ଼ିକ ପ୍ରତିବାଦ ଜାରି ରଖିବାରୁ ଗତକାଲି ସଂସଦର ଉଭୟ ଗୃହର କାର୍ଯ୍ୟ ଲଗାତାର ତୃତୀୟ ଦିନ ପାଇଁ ବାଧାପ୍ରାପ୍ତ ହୋଇଥିଲା। ବିରୋଧୀ ଦଳ ଗୁଡ଼ିକ ବିହାର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ଦାବି କରି ପ୍ରତିବାଦ କରିଥିଲେ । ଫଳରେ ଉଭୟ ଲୋକସଭା ଏବଂ ରାଜ୍ୟସଭା ଦୁଇ ଦୁଇଥର ମୁଲତବୀ ହେବା ପରେ ଶେଷରେ ସମ୍ପୂର୍ଣ୍ଣ ଦିନ ପାଇଁ ମୁଲତବୀ ରହିଥିଲା । ହଟ୍ଟଗୋଳ ମଧ୍ୟରେ ଲୋକସଭାରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ୨୦୨୫ ଏବଂ ଜାତୀୟ ଡୋପିଂ ନିରୋଧି ସଂଶୋଧନ ବିଧେୟକ ୨୦୨୫ ଆଗତ କରିଥିଲେ । ପିଠାସୀନ ଅଧ୍ୟକ୍ଷା ଶୂନ୍ୟକାଳ ଚଳାଇ ରଖିବା ଲାଗି ଉଦ୍ୟମ କରିଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ସ୍ଲୋଗାନ୍‌ଦେବା ଜାରି ରଖିଥିଲେ । ହଟ୍ଟଗୋଳ ମଧ୍ୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିହାରରେ ରେଳ ପ୍ରକଳ୍ପ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇଥିଲେ ।

ଅନ୍ୟ ପକ୍ଷରେ ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ବିହାର ସ୍ୱତନ୍ତ୍ର ଭୋଟରତାଲିକା ସଂଶୋଧନ ଅଭିଯାନ ଉପରେ ବିରୋଧୀ ସଦସ୍ୟମାନେ ଆଲୋଚନା ଦାବି କରିଥିଲେ ।

ହଟ୍ଟଗୋଳ ମଧ୍ୟରେ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ସମୁଦ୍ରରେ ସାମଗ୍ରୀ ପରିବହନ ବିଧେୟକ ୨୦୨୫ ଆଗତ କରିଥିଲେ । କିନ୍ତୁ ତାହା ଉପରେ ଆଲୋଚନା ସମ୍ଭବ ହୋଇପାରି ନ ଥିଲା ।

ଏ ସମ୍ପର୍କରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ସଂସଦ ବାହାରେ ନିଜ ପ୍ରତିକ୍ରିୟାରେ କହିଛନ୍ତି :

**V/O-Sibraj Singh BJP Coment**

ଅନ୍ୟ ପକ୍ଷରେ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ମଧ୍ୟ ବିରୋଧି ଦଳ ଗୁଡ଼ିକର ଏଭଳି କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରିଛନ୍ତି । ସଂସଦ ବାହାରେ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି :

**V/O-Giriraj Singh BJP Coment**

## ହରଦୀପ - ଏଥାନଲ୍ ବ୍ଲେଣ୍ଡିଂ

ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରି କହିଛନ୍ତି, ଭାରତ ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ୫ ବର୍ଷ ପୂର୍ବରୁ ପେଟ୍ରୋଲ୍‌ରେ ୨୦

ପ୍ରତିଶତ ଇଥାନଲ୍ ମିଶ୍ରଣ ଲକ୍ଷ୍ୟ ହାସଲ କରିଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ପୁରି କହିଛନ୍ତି, ୨୦୧୪ରେ ସ୍ୱଚ୍ଛ ଶକ୍ତି ଉତ୍ପାଦନ ୧ ଦଶମିକ ୫ ପ୍ରତିଶତ ଥିବାବେଳେ ଏହା ଚଳିତ ବର୍ଷ ସୁଦ୍ଧା ୨୦ ପ୍ରତିଶତକୁ ବୃଦ୍ଧି ପାଇଛି । ଫଳରେ ୧ କୋଟି ୩୬ ଲକ୍ଷ କୋଟି ବୈଦେଶିକ ମୁଦ୍ରା ସଞ୍ଚୟ ହୋଇପାରିଛି । ଏହାଦ୍ୱାରା ୬୯୮ ଲକ୍ଷ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ହୋଇଛି ବୋଲି ସେ କହିଛନ୍ତି ।

## ସ୍ପୋର୍ଟସ ରାଉଣ୍ଡ ଅପ୍

କ୍ରିକେଟ୍‌ରେ ଭାରତ ଆଜି ମାଞ୍ଚେଷ୍ଟର୍‌ର ଓଲ୍ଡ ଟ୍ରାଫୋର୍ଡ଼ଠାରେ ଆଣ୍ଡର୍ସନ୍-ତେନ୍ଦୁଲ୍‌କର ଟ୍ରଫିର ଚତୁର୍ଥ ଟେଷ୍ଟର ଦ୍ୱିତୀୟ ଦିନରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଇନିଙ୍ଗ୍‌ସ୍ ଜାରି ରଖିବ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ପୂର୍ବରୁ ଖରାପ ଆଲୋକ ଯୋଗୁଁ ପ୍ରଥମ ଦିନରେ ଭାରତ ୮୩ ଓଭରରେ ୪ ୱିକେଟ୍ ହରାଇ ୨୬୪ ରନ୍ ସ୍କୋର୍ କରିଥିଲା । ସାଇ ସୁଦର୍ଶନ ସର୍ବାଧିକ ୬୧ ରନ୍ ସ୍କୋର୍ କରିଥିବାବେଳେ ରିଷଭ୍ ପନ୍ଥ ୩୭ ରନ୍ ସ୍କୋର୍ କରିଥିଲେ । ୫ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨ଟି ମ୍ୟାଚ୍ ଜିତି ଆଗୁଆ ରହିଥିବାବେଳେ ଭାରତ ୧ ଗୋଟିଏ ମ୍ୟାଚ୍ ଜିତିଛି ।

ଚେସ୍‌ରେ ଭାରତର ଦିବ୍ୟା ଦେଶମୁଖ ଜର୍ଜିଆର ବାଟୁମି'ରେ ଅନୁଷ୍ଠିତ ଫିଡେ ମହିଳା ବିଶ୍ୱକପ୍-୨୦୨୫ର ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ସେମିଫାଇନାଲ୍‌ରେ ସେ ଚୀନ୍‌ର ଟାନ୍ ଝୋଙ୍ଗି'ଙ୍କୁ ପରାସ୍ତ କରିଛନ୍ତି । ଏହି ବିଜୟ ସହିତ ଦିବ୍ୟା ୨୦୨୬ରେ ହେବାକୁ ଥିବା କ୍ୟାଣ୍ଡିଡେଟ୍‌ସ ଟୁର୍ଣ୍ଣାମେଣ୍ଟରେ ମଧ୍ୟ ସ୍ଥାନ ପାଇଛନ୍ତି । ୧୯ ବର୍ଷୀୟା ଦିବ୍ୟା ଦେଶମୁଖ ଫିଡେ ବିଶ୍ୱକପ୍‌ର ଫାଇନାଲ୍‌ରେ ପ୍ରବେଶ କରିଥିବା ପ୍ରଥମ ଭାରତୀୟ ଖେଳକାଳି ବିବେଚିତ ହୋଇଛନ୍ତି । ସେ ଚୀନ୍ ଓ ଭାରତ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ର ବିଜେତାଙ୍କ ସହ ମୁକାବିଲା କରିବେ ।

ଫୁଟ୍‌ବଲ୍‌ରେ ଗତକାଲି କୋଲ୍‌କାତାର ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ଡୁରାଣ୍ଡ କପ୍-୨୦୨୫ର ମ୍ୟାଚ୍‌ରେ ପୂର୍ବବେଙ୍ଗଲ୍ ୫-୦ ଗୋଲ୍‌ରେ ଦକ୍ଷିଣ ୟୁନାଇଟେଡ୍ ଫୁଟ୍‌ବଲ୍ କ୍ଲବ୍‌କୁ ପରାସ୍ତ କରିଛି । ଏହି ଡୁରାଣ୍ଡ୍ କପ୍‌ରେ ମୋଟ ୪୩ଟି ମ୍ୟାଚ୍ ଖେଳାଯିବ ଏବଂ ଅଗଷ୍ଟ ୨୩ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ବ୍ୟାଡ୍‌ମିଣ୍ଟନରେ ଭାରତର ପି.ଭି. ସିନ୍ଧୁ ଜାପାନର ଟୋମୋକା ମିଆଜାକି'ଙ୍କୁ ୨-୧ରେ ପରାସ୍ତ କରି ଚାଇନା ଓପନ୍ ବ୍ୟାଡ୍‌ମିଣ୍ଟନର ମହିଳା ଏକକ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଅନ୍ୟ ଏକ ମ୍ୟାଚ୍‌ରେ ଭାରତର ଉନ୍ନତି ହୁଡ୍ଡା ମଧ୍ୟ ପ୍ରି-କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି ।

*****